ମହାସଂଘର ସାଧାରଣ ସମ୍ପାଦକ ସୁରେଶ । ସହଳନୀରେ ପୌରହତ୍ୟ କରଥିଲେ ପକ୍ଷରୁ ଉପଢୌକନ ପ୍ରଦାହ କରାଯାଇ ପ୍ରଦାନ କରାଯାଇଥିଲା ।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ ଶିକ୍ଷାନୀତି ୨୦୨୦ କୁ ନେଇ ଆଲୋଚନା ଚକ୍ର




କେନ୍ଦୁଝର, ୭।୫:( ବି ପ୍ର ) କେନ୍ଦୁଝର ସହର ସ୍ଥିତ ଧରଣୀଧର ବିଶ୍ୱ ବିଦ୍ୟାଳୟ ପରିସରରେ ଥିବା କମ୍ପ୍ୟୁଟର ବିଭାଗ ହଲ ରେ ମଙ୍ଗଳବାର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଭାବେ କୋରାପୁଟ ଠାରେ ଥିବା ଓଡିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାନୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେଇ ନିଜର ସାଧାରଣ ପାଠ୍ୟକ୍ରମରୁ ଭିନ୍ନ ଅଭିଭାଷଣ ପ୍ରଦାନ କରିଥିଲେ । ସେ ବିଶ୍ୱବିଦ୍ୟାଳୟ ର ଅଧାପକ ମାନଙ୍କୁ ଭୟମୁକ୍ତ ହୋଇ ତଥା ସମ୍ମାନର ସହ ନିଜକୁ ପାଠାସହିତ ଯୋଡି ସାଧାରଣ ପାଠ୍ୟକ୍ରମରୁ ବାହାରକୁ ଯାଇ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଗଠନ କରିବାରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହା ସହିତ ସେ ବିଶ୍ୱ ବିଦ୍ୟାଳୟରେ କେନ୍ଦୁଝରର ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିର ବିକାଶ କରିବା ପାଇଁ ବିଭିନ୍ନ ଧନ୍ଦା ମୂଳକ ଶିକ୍ଷା ପ୍ରଚଳନ କରିବା ପାଇଁ ଆହ୍ୱାନ କରିଥିଲେ । ଶିକ୍ଷା ସମାଜର ବସ୍ତୁ ଓ ଏହାକୁ ହିଁ ମାନସିକତା ପରିତ୍ୟାଗ କରି ଓ ପରସ୍ପର ଭିତରେ ରହିଥିବା ଇର୍ଷା ତ୍ୟାଗ କରି ଦୁରଦ୍ରଷ୍ଟା ହୋଇ ଶିକ୍ଷାଦାନ କରିବାକୁ ସେ ଅଧାପକ ଅଧାପିକା ମାନଙ୍କୁ ପରାମର୍ଶ ଦେଇଥିଲେ । ଛାତ୍ରଙ୍କ ଭବିଷ୍ୟତ ଗଠନରେ ନୂତନ ଶିକ୍ଷଣାନୀତି ବେଶ ଉପଯୋଗୀ ହେବାସହ ସମଗ୍ର ବିଶ୍ୱରେ ଭାରତୀୟ ଶିକ୍ଷାର ସ୍ତର ବୃଦ୍ଧି ଦିଗରେ ସହାୟକ ହେବ ବୋଲି ସେ କହିଥିଲେ । ନୂତନ ଶିକ୍ଷାନୀତି ଛାତ୍ରଙ୍କୁ ପ୍ରଥମରୁ ବିଭିନ୍ନ ଦିଗରେ ସ୍ୱାବଲମ୍ବୀ କରିବା ସହ ଅଧିକ ଉପଯୋଗୀ ହେବ ଯାହାଦ୍ୱାରା ଛାତ୍ରଛାତ୍ରୀଙ୍କ ଭିତରେ ଅଧିକ ଜ୍ଞାନ ଆହରଣ କରିବା ସହ ଅଧିକ ସଶକ୍ତିକରଣର ଦ୍ୱାର ଉନ୍ମୁକ୍ତ କରିବ । ନାରୀ ସଶକ୍ତିକରଣ ଓ ଖଦି ଉଦ୍ୟୋଗ ପରି କୌଳିକ ବୃତ୍ତି ପ୍ରଦାନ କରିବା ପାଇଁ ଧରଣୀଧର ବିଶ୍ୱବିଦ୍ୟାଳୟ ରେ ସ୍ୱତନ୍ତ୍ର ପାଠ୍ୟକ୍ରମ ଚଳାଇଲେ କେନ୍ଦୁଝର ପରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆର୍ଥିକ ମାନଦଣ୍ଡ ବୃଦ୍ଧି ହୋଇ ପାରିବ । ଏ ସବୁ ନୂତନ ଭାରତ ସରକାରଙ୍କ ନୂତନ ଶିକ୍ଷା ନୀତି ୨୦୨୦ ରେ ରହିଥିବା ସେ କହିଥିଲେ । ଏହି ଆଲୋଚନା ଚକ୍ରରେ ଧରଣୀଧର ବିଶ୍ୱବିଦ୍ୟାଳୟ ର କୁଳସଚିବ ନରେନ୍ଦ୍ର କୁମାର ସାହୁ, ସ୍ନାତକୋତ୍ତର କାଉନସିଲର ଅଧକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ଓ ଧରଣୀଧର ବିଶ୍ୱବିଦ୍ୟାଳୟ ର ସମସ୍ତ ଅଧାପକ ଅଧାପିକା ଉପସ୍ଥିତ ଥିଲେ ।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ଶିକ୍ଷାନୀତି ଉପରେ ଆଲୋଚନାଚକ୍ର



କେନ୍ଦୁଝର ସଦର/କେନ୍ଦୁଝରଗଡ଼, ୭।୫(ନି.ପ୍ର): କେନ୍ଦୁଝର ସହରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଭାଗ ହଲରେ ମଙ୍ଗଳବାର ନୂତନ ଶିକ୍ଷାନୀତି-୨୦୨୦ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ବକ୍ତା ଭାବେ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେଇଥିଲେ । ସେ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କୁ ନିର୍ଭୟରେ ଓ ସସମ୍ମାନେ ନିଜକୁ ପାଠ ସହ ଯୋଡ଼ି ସାଧାରଣ ପାଠ୍ୟକ୍ରମରୁ ବାହାରକୁ ଯାଇ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଠନ କରିବାରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହ ସେ ବିଶ୍ୱବିଦ୍ୟାଳୟରେ କେନ୍ଦୁଝରର ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିର ବିକାଶ ପାଇଁ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ ପାଇଁ ଆହ୍ୱାନ ଦେଇଥିଲେ । ଛାତ୍ରଙ୍କ ଭବିଷ୍ୟତ ଗଠନରେ ନୂତନ ଶିକ୍ଷାନୀତି ବେଶ ଉପଯୋଗୀ ହେବା ସହ ସମଗ୍ର ବିଶ୍ୱରେ ଭାରତୀୟ ଶିକ୍ଷାର ସ୍ତର ବୃଦ୍ଧି ଦିଗରେ ସହାୟକ ହେବ ବୋଲି ସେ ଆଶା କରିଥିଲେ । ଏହି ଆଲୋଚନା ଚକ୍ରରେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳସଚିବ ନରେନ୍ଦ୍ର କୁମାର ସାହୁ, ସ୍ନାତକୋତ୍ତର କାଉନସିଲର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ଓ ଧରଣୀଧର ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା ଉପସ୍ଥିତ ଥିଲେ ।

# ଆଗାମୀ ଯୁବପିଢ଼ିଙ୍କୁ ସଶକ୍ତ କରିବ ଜାତୀୟ ଶିକ୍ଷା ନୀତି: ପ୍ରଫେସର ଚକ୍ରଧର ତ୍ରିପାଠୀ - National Education Policy 2020

By ETV Bharat Odisha Team
Published : 6 hours ago

Follow Us | 1 Min Read



*ଜାତୀୟ ଶିକ୍ଷା ନୀତି-୨୦୨୦ ସେମିନାର(ETV Bharat Odisha)*

**National Education Policy-2020 Seminar: କେନ୍ଦୁଝର:** ଜିଲ୍ଲାର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷାନୀତି ୨୦୨୦ ସେମିନାର ଅନୁଷ୍ଠିତ ହୋଇଯାଇଛି । ଏହି ସେମିନାରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଶିକ୍ଷାନୀତି କେତେ ଉପାଦେୟ ହେବ ପରବର୍ତ୍ତୀ ଯୁବପିଢ଼ିଙ୍କ ଶିକ୍ଷାଦାନ ଉପରେ ସେନେଇ ଆଲୋକପାତ କରିଥିଛନ୍ତି । ଏହି ଶିକ୍ଷାନୀତିରେ ତଳସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ବୈଷୟିକ ଜ୍ଞାନ ଆହରଣ କରିବା ସହ ନିଜକୁ ସ୍ୱାବଲମ୍ବୀ ଗଢ଼ି ତୋଳିବା ପାଇଁ ବିଶେଷ ଧ୍ୟାନ ଦିଆଯାଇଥିବା କୁଳପତି ପ୍ରକାଶ କରିଛନ୍ତି ।

ଯୁବ ପିଢ଼ି ସବୁବେଳେ ରାଷ୍ଟ୍ର ନିର୍ମାଣରେ ବିଶେଷ ଭୂମିକା ନିର୍ବାହ କରିଥାନ୍ତି । ବିନା ଯୁବବର୍ଗଙ୍କ ସହାୟତାରେ କୌଣସି କାର୍ଯ୍ୟ କରିବା ସମ୍ଭବ ହୋଇନଥାଏ । ଏହି ଯୁବ ପୀଢ଼ି ଶିକ୍ଷିତ ହେଲେହିଁ ରାଷ୍ଟ୍ର ବିକାଶ ଦୁଇଗୁଣିତ ହୋଇଥାଏ । ଯୁବପିଢ଼ିଙ୍କୁ ରାଷ୍ଟ୍ର ଆଧାରିତ ଶିକ୍ଷା ଦେବା ପାଇଁ ଶିକ୍ଷକଙ୍କ ଭୂମିକା ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏଥିପାଇଁ କେନ୍ଦ୍ର ସରକାର ନୂତନ ଶିକ୍ଷା ନିତି ୨୦୨୦ ପ୍ରଣୟନ କରିଛନ୍ତି । ଏହି ନୂତନ ଶିକ୍ଷା ନୀତିରେ ଭୟମୁକ୍ତ ଓ ଅନୁସନ୍ଧାନ ମୂଳକ ଶିକ୍ଷା ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଛି ।

ଏବଂ ଏହି ନୂତନ ଶିକ୍ଷା ନୀତି ଦ୍ୱାରା କେବଳ ଛାତ୍ରଛାତ୍ରୀ ନୁହେଁ ଅଧ୍ୟାପକ ମାନେ ମଧ୍ୟ ସ୍ୱତନ୍ତ୍ର ରୂପେ ନୂତନ ଜ୍ଞାନ କୌଶଳ ପ୍ରଦର୍ଶନ କରି ଶିକ୍ଷାକୁ ପ୍ରାଥମିକତା ଦେଇପାରିବେ । ଯାହାକୁ ନେଇ ଜାତୀୟ ଶିକ୍ଷାନୀତି ୨୦୨୦ ସେମିନାର ଆୟୋଜିତ କରାଯାଇଥିଲା । ତେବେ ଏହି କାର୍ଯ୍ୟକ୍ରମକୁ ଧରଣୀଧର ବିଶ୍ୱବିଦ୍ୟାଳୟର ଓଏସଡି ପ୍ରଫେସର ପ୍ରତାପ ମହାନ୍ତି ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିଲେ।

**ଏହା ମଧ୍ୟ ପଢନ୍ତୁ: 'ଜାତୀୟ ଶିକ୍ଷା ନୀତି ଭାରତୀୟଙ୍କୁ ଭାରତର ଆତ୍ମାର ପରିଚୟ ଦେବ'**

**ଇଟିଭି ଭାରତ, କେନ୍ଦୁଝର**

TAGGED: NATIONAL EDUCATION POLICY SEMINAR | PROFESSOR CHAKRADHAR TRIPATHI | ଜାତୀୟ ଶିକ୍ଷା ନୀତି ୨୦୨୦ ସେମିନାର | ଜାତୀୟ ଶିକ୍ଷା ନୀତି | NATIONAL EDUCATION POLICY 2020

## ABOUT THE AUTHOR

ETV Bharat Odisha Team Follow +

Follow Us on Our Whatsapp Channel

Share This Article

## ସମ୍ପୃକ୍ତ ଖବର



ବ୍ରହ୍ମପୁରରେ ରୋଡ୍ ସୋ ଓ ପଥପ୍ରାନ୍ତ ସଭା କରି ପ୍ରଚାର କଲେ ପାଣ୍ଡିଆନ - VK PANDIAN ROAD SHOW

1 Min Read | May 8, 2024



ପ୍ରଚାର ମୈଦାନରେ ଦୀପାଳି: ଭୋଟରଙ୍କ ପାଦ ଛୁଇଁଲେ, ନାଚିଲେ - Jharsuguda Constituency

1 Min Read | May 8, 2024




ପ୍ରଭାତରୁ ଦର୍ଶନ କରନ୍ତୁ ପତିତପାବନଙ୍କ ଦିବ୍ୟ ମଙ୍ଗଳ ଆଳତି, ଶୁଭମୟ ହେବ ଦିନ - Malgal Alati

1 Min Read | May 8, 2024




ବୌଦ୍ଧରେ ବିଜେପି-ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର ମୈଦାନରେ ଓହ୍ଲାଇଲେ ପତ୍ନୀ - BOUDH ASSEMBLY...

1 Min Read | May 7, 2024

## ଟ୍ରେଣ୍ଡିଂ

(କୌଣସି ଟପିକ୍ ଉପରେ କ୍ଲିକ୍ କରନ୍ତୁ)

VEHICLE CHECKING FOR ELECTION | HOME VOTING | LOK SABHA ELECTION THIRD PHASE | EFFECT OF INDEPENDENT CANDIDATES | LOK SABHA ELECTIONS 2024 | MODI CASTS HIS VOTE | VOTERS MOOD | HEAVY RAIN IN HYDERABAD | WIFE TO FIGHT AGAINST HUSBAND | ROMANCHA RANJAN FILE NOMINATION | MAYAWATI REMOVES NEPHEW AKASH ANAND | REQUEST TO PM FOR TEXTILE INDUSTRY | HARYANA BJP GOVT LOST MAJORITY | WATER PROBLEM | SC ON BENGAL JOBS CASE | MAHANGA ASSEMBLY CONSTITUENCY | BJD JOINING PROGRAM | JAYDEV CONSTITUENCY | DELHI LIQUOR POLICY | BOUDH ASSEMBLY CONSTITUENCY | YELLA KONDA BABU CAMPAIGN FOR BJD | BIJAY PATNAIK TARGETS PANDIAN | CM NAVEEN PATNAIK ELECTION CAMPAIGN | KENDUJHAR FRAUD | HOW TO CHECK WATERMELON | LOK SABHA ELECTION 2024

## ଫିଚର



ସାଇବର ଠକଙ୍କ ମାୟାଜାଲ: ବିଭିନ୍ନ ଉପାୟରେ ହେଉଛି ଠକେଇ, ଜାଣନ୍ତୁ କେଉଁ ତରିକା ଆପଣାଉଛନ୍ତି ଠକ - Investment Scam

2 Min Read | May 4, 2024



ଶରୀରରେ କ'ଣ ପାଇଁ ରହିଛି ଭିଟାମିନର ଆବଶ୍ୟକତା ? ଜାଣନ୍ତୁ ଏହାର ଅଭାବରେ କେଉଁ ସମସ୍ୟା ହୁଏ - Vitamin Deficiency

3 Min Read | May 4, 2024



ମତଦାନ ବେଳେ ମୋବାଇଲ ନେଇପାରିବେ କି ନାହିଁ ? ଜାଣନ୍ତୁ କଣ କହୁଛି ନିୟମ - Cell Phone At Polling Booth

2 Min Read | Apr 25, 2024



କୋଭିନ ସାର୍ଟିଫିକେଟରୁ ହଟିଲା ପ୍ରଧାନମନ୍ତ୍ରୀ ମୋଦିଙ୍କ ଫଟୋ, ଜାଣନ୍ତୁ କାରଣ ? - Modi Photo Removed

1 Min Read | May 2, 2024



ସାଇବର ଠକଙ୍କ ମାୟାଜାଲ: ବିଭିନ୍ନ ଉପାୟରେ ହେଉଛି ଠକେଇ, ଜାଣନ୍ତୁ କେଉଁ ତରିକା ଆପଣାଉଛନ୍ତି ଠକ - Investment Scam

ଶରୀରରେ କ'ଣ ପାଇଁ ରହିଛି ଭିଟାମିନର ଆବଶ୍ୟକତା ? ଜାଣନ୍ତୁ ଏହାର ଅଭାବରେ କେଉଁ ସମସ୍ୟା ହୁଏ - Vitamin Deficiency

ମତଦାନ ବେଳେ ମୋବାଇଲ ନେଇପାରିବେ କି ନାହିଁ ? ଜାଣନ୍ତୁ କଣ କହୁଛି ନିୟମ - Cell Phone At Polling Booth

କୋଭିନ ସାର୍ଟିଫିକେଟରୁ ହଟିଲା ପ୍ରଧାନମନ୍ତ୍ରୀ ମୋଦିଙ୍କ ଫଟୋ, ଜାଣନ୍ତୁ କାରଣ ? - Modi Photo Removed

Copyright © 2024 Ushodaya Enterprises Pvt. Ltd., All Rights Reserved.